# ବୁଧେଇ ଓଷା



smarteduguide.com

ସୌମ୍ୟା ପ୍ରକାଶନୀ

# ବୁଧବାମନ ଓଷା



## ପ୍ରଥମ ଛାନ୍ଦ

ଜୟ ତୁ ବିମଳା ମାଗୋ ଜୟ ତୁ ତାରିଣୀ । ମହିଷାସୁର ମର୍ଦ୍ଦିନୀ ମାଗୋ ଠାକୁରାଣୀ ।। ଜୟ ତୁ ବିମଳା ମାଗୋ ଦୟାକର ମୋତେ । ମୁହିଁ ଅରକ୍ଷିତ ଜନ ଆଶ୍ରା କଲି ତୋତେ ।। ମୋର ମନୋବାଞ୍ଛା ମାଗୋ ତୁମେ ସିଦ୍ଧ କର । ଏ ଘୋର ସଂସାରୁ ମାଗୋ ବାରେ କ ଉଦ୍ଧର ।। ମୁହିଁ ପଚାରୁଛି ମାଗୋ କହିଦେବୁ ମୋତେ । ତୋହର ଆଜ୍ଞାରେ ମୁଁ ଯେ କରିବି ବିଖ୍ୟାତେ ।। ବୁଧେଇ କହନ୍ତି ପୁଣି ବିମଳାଙ୍କୁ ଚାହିଁ । ଓଷାର ଯେତେକ ବିଧି କୁହ ମହାମାୟୀ ।। ବିମଳା କହନ୍ତି ଏବେ ଶୁଣ ଗୋ ବୁଧେଇ । ଯେ ଯାହା ମନାସେ ତାହା ଅବଶ୍ୟ ସେ ପାଇ ।। ବିମଳାଇ କହନ୍ତି ଯେ ବୁଧେଇକି ଚାହିଁ । ଏହି ଓଷା କଲେ ଯେ ବହୁତ ଫଳ ପାଇ ।। ଏ ଓଷାର ଉପବାସ ଯେହୁ ସେ କରିବ । ଅପୁତ୍ରିକ ହୋଇଥିଲେ ପୁତ୍ର ଯେ ପାଇବ ।। ଯେବେ କୁଷ୍ଠବ୍ୟାଧି ବାଂଝି ମଡ଼ିଛି ହୋଇବ । ଏ ଓଷା ଗୋଟିକି କଲେ ଭଲ ସେ ହୋଇବ ।। ଏ ଓଷାର କଥା ଯେବେ ଶୁଣିବ ଶ୍ରବଣେ । ବିମଳାଙ୍କୁ ସ୍ତୁତି ଯେ ବୁଧେଇ କଲା ମନେ ।। ବୁଧେଇ ଯେ

smartodiaguide.com

ଏତେକ କହିଣ ତୁନି ହେଲେ । ବିମଳାଇ କହୁଛନ୍ତି ଶୁଣଗୋ ବୋଇଲେ ॥ ସୁଜନ ଜନେ ମୋହର ନ ଧରିବ ଦୋଷ । ତୁମ୍ଭେମାନେ ମୋହର ଯେ କରିବ ଉପାସ ॥ ଏ କଥା ଶୁଣିଣ ଯେହୁ କରିବଟି ଚାହି । ବୁଧବାମନ ତାହାଙ୍କ ପାଶକୁ ନ ଯାଇ ॥ କହନ୍ତି କାମିନୀଗଣ ବିମଳାଙ୍କୁ ଚାହିଁ । ଏ ଘୋର ସଙ୍କଟୁ ମୋତେ ରଖ ମହାମାୟୀ ॥ ତୋହର ଉପାସ ବିଧି ଆମ୍ଭେମାନେ କରି । ମନୋବାଞ୍ଛା ସମ୍ପୂର୍ଣ୍ଣ ରେ କରିବୁ ଆନ୍ତରି ॥ ଏମନ୍ତେ ବୋଲିଣ ଯେ କଳ୍ପନା ମନେ କଲେ । ବିମଳାଙ୍କୁ ମନରେ ସୁମରିଣ ବସିଲେ ॥ ହୁଳହୁଳି ଦେଇଣ ଯେ ସକଳ ତରୁଣୀ । ଯାହାର ଯେତେକ କଷ୍ଟ ଜଣାଇଲେ ପୁଣି ॥ ଶୁଣ ସୁଜ୍ଞଜନମାନେ ଏଥିର ଚରିତ । ବୁଧବାମନ ମହିଁମା ଅଟଇ ଏମନ୍ତ ॥ ମଗଧଦେଶ ବୋଲି ଯେ ଏକଇ ନଗର । ତହିଁରେ ଅଛଇ ସେ ଯେ ଏକ ସାଧୁଘର ॥ ପୁତ୍ର ଦୁହିତା ତାହାର ଆଉ କେହି ନାହିଁ । ଧନ ସମ୍ପତ୍ତି ଯେ ତାର ମାଡ଼ି ଯାଉଥାଇ ॥ ଏମନ୍ତ ମନରେ ସେହୁ ଦୁଃଖିତ ହୋଇଣ । କାହାର ପାଖରେ ସେହୁ ନ ବସଇ ପୁଣ ॥ ସେହି ରାଜ୍ୟର ସମସ୍ତ ନରନାରୀମାନେ । ବିଚାର ତ କରିଥାନ୍ତି ତାହାଙ୍କର ମନେ ॥ ଏକ ଦିନକରେ ସେହି ଏକଇ ଯେ ଜନ । ସକାଳୁ ଉଠି ସାଧୁର ଚାହିଁଲା ବଦନ ॥ ବୋଇଲା ଆଜି ମୋହର ଦୁଷ୍କୃତ ହୋଇଲା । କେଉଁଯୋଗେ ଆଜି ମୋର ରାତ୍ର ପାହିଥିଲା ॥ ଆଣ୍ଠୁକୁଡ଼ା ମୁଖ ଯେହୁ ନେତ୍ରରେ ଦେଖିବ । ଦୁଇଥର ଦିନକୁ ସେ ସ୍ନାନ କରିବ ॥ ନୋହିଲେ ଏମନ୍ତ ଯେବେ ସିଏ ନ କରିବ । ରବି ଅସ୍ତ ଯାଏ ଉପାସେ ଥିବ ॥ ଏମନ୍ତ କହିଣ ଗଲା କାମିନୀ । ସାଧୁ ତ ବୁଡ଼ା ପତାରିଲା ପୁଣି ॥ ଆହା ବିଧାତା ମୋତେ ଏହା କଲୁ । ଏ କାଳେ ମୋତେ ଏହା ଶୁଣାଇଲୁ ॥ ପୂର୍ବେରେ କେତେ ପାପ କରିଥିଲି । ଏ ଜନ୍ମେ ମୁହିଁ ଅପୁତ୍ରିକ ହେଲି ॥ ଏମନ୍ତେ ମନେ ଦୁଃଖିତ ହୋଇଣ । କାହାରି ପାଶେ ନ ବସଇ

ପୁଣ ।। ଏହା ବିଚାରି ସେ ଘରକୁ ଗଲା । ପତ୍ନୀର ଆଗେ ସମସ୍ତ କହିଲା ।। ପତ୍ନୀ ବୋଇଲା ଶୁଣ ଆହେ ନାଥ । କର୍ମରେ ବିହି ଲେଖିଛି ଯେମନ୍ତ ।। ସମସ୍ତେ କହିଲେ ଏହି ବଚନ । କାହାଆଗରେ କହିବା ହେ ପୁଣ ।। ଏମନ୍ତେ ଦୁଃଖରେ ବଞ୍ଚଇ ଦିନ । ଏଥୁଅନନ୍ତରେ ସୁଜନେ ଶୁଣ ।। ଏମନ୍ତେ ତହିଁ କେତେଦିନ ଗଲା । ଭାଦ୍ରବ ମାସ ଆସି ପ୍ରବେଶିଲା ।। ଯୋଗେ ସେଦିନ ଆଦ୍ୟ ବୁଧବାର । ବୁଧେଇ ଓଷା ଯେ ନାମ ତାହାର ।। ସେ ମାସେ ପଡ଼ଇ ଯେ ପାଞ୍ଚପାଳି । ପାଞ୍ଚପାଳିଯାକ କାମିନୀ ମିଳି ।। ସମସ୍ତେ ଓଷା କୋଠିରେ ମିଳନ୍ତି । ଆନନ୍ଦ ମନେ ହୁଳହୁଳି ଦ୍ୟନ୍ତି ।। ସୁନା ଚାଙ୍ଗୁଡ଼ିରେ ଦରବ ଭରି । ଆଣି ଥୋଇଲେ ସମସ୍ତ କୁମାରୀ ।। ଏଥୁଅନ୍ତେ ଶୁଣ ସୁଜନ ଜନ । ବୁଧେଇ ଓଷାର ବିଧି ବିଧାନ ।। ଦୀପାବଳିଯାକ ଆଗ ଥୋଇବ । ଜାଣିବା ଲୋକ ଯେ ଗୀତ ଗାଇବ ।। ଯେଉଁ କାମିନୀ ଉପବାସ ଥିବ । ବୁଧିବାମନ ଥାପନ କରିବ ।। ତାହାଙ୍କୁ ସୁବେଶ କରିବ ସେହି । ସିନ୍ଦୁର କଜ୍ଜ୍ୱଳ ଶିଳରେ ଦେଇ ।। ଗନ୍ଧ ଚନ୍ଦନ ନେଇ ତାକୁ ଦେବ । ଶିଳରେ ନେଇ ମଣ୍ଡନ କରିବ ।। ଗୁଆ ଗୋଟିଏ ରଖିବ ଯେ ତହିଁ । ବୁଧିବାମନଙ୍କୁ ସ୍ଥାପିବ ସେହି ।। ଆନନ୍ଦ ମନରେ କଥା ଶୁଣିବ । ଆନନ୍ଦ ମନେ ହୁଳହୁଳି ଦେବ ।। ଅର୍ଘ୍ୟ ନଇବେଦ୍ୟ ସକଳ ବାଳି । କଳ୍ପନା କରିବ ମନରେ ବୋଲି ।। ଯେଉଁ କାମିନୀ ଯାହା ମନାସିବ । ବୁଧିବାମନ ଯେ ତାହାଙ୍କୁ ଦେବ ।। ଏମନ୍ତ କରି ଯେ ଓଷା କରିବ । ଅପୁତ୍ରିକ ନାରୀ ପୁତ୍ର ପାଇବ ।। ଅନ୍ଧ ହୋଇ ଥିଲେ ଚକ୍ଷୁ ପାଇବ । କୁଷ୍ଠ ହୋଇଥିଲେ ଭଲ ହୋଇବ ।। ଏମନ୍ତ ଓଷାର ବିଧି ସାରିଲେ । କାମିନୀମାନେ ବାହାର ହୋଇଲେ ।। ହୁଳହୁଳି ଶୁଣି ସାଧବା ନାରୀ । ଆଣ୍ଟୁକୁଡ଼ା କଥା ମନରେ ଧରି ।। ସଖିକି ଚାହିଁ ବୋଇଲେ ବଚନ । ଏ ଓଷାକୁ କଲେ କେବଣ ଗୁଣ ।। ବୁଧିବାମନଙ୍କ ଓଷା କରିବ । ଯାହା ମନାସିବ ତାହା ପାଇବ ।।

smartedguide.com

ବୋଲଇ ଚାହିଁ ଏ ଓଷା କରିବି । ଅପୁତ୍ରିକ ଦୋଷୁ ପାରି ହୋଇବି ।। ଏମନ୍ତ କହି ବେଗେ ଚଳିଗଲା । ସ୍ୱାମୀଙ୍କ ଆଗରେ ଯାଇ କହିଲା ।। ଶାଶୁ ବୋଇଲା ଆଲୋ ସାଧବାଣୀ । ଏ ଓଷା ତୁ କରିବୁ କି ପୁଣି ।। ଅପୁତ୍ରିକ ଦୋଷୁ ପାରି ହୋଇବୁ । ବୁଧେଇ ଚରଣେ ସେବା କରିବୁ ।। ସେହିଠାରୁ ଓଷା କଲାକ ପୁଣ । ବୁଧମାନଙ୍କ ମହିମା ଶୁଣ ।। ବୁଧବାମନଙ୍କୁ ମନରେ ଧରି । ସେହିଦିନୁ ଗର୍ଭ ରହିଲା ନାରୀ ।। ଦଶମାସ ଯହୁଁ ହୋଇଲା ପୂର୍ଣ୍ଣ । ଜାତ ହୋଇଲା ଏକଇ ନନ୍ଦନ ।। ଅପୁତ୍ରିକ ଦୋଷ ତାହାର ଗଲା । ଓଷା କରିଣ ସେ ପୁତ୍ର ପାଇଲା ।। ଏ ଓଷାକୁ ଯେହୁ ନାରୀ କରିବେ । ଏ ରୂପେ ସେମାନେ ପୁତ୍ର ପାଇବେ ।। ଯେଉଁ ନାରୀ ମନେ ଗର୍ବ କରିବ । ସେହୁ ଅପୁତ୍ରିକ ହୋଇ ମରିବ ।। ଇହ ଲୋକରେ ତାକୁ ପାର ନାହିଁ । ନରକରେ ସେହି ପଡ଼ିବ ଯାଇ ।। ଏହି କଥାମାନ ଯେହୁ ଶୁଣିବ । ଆନନ୍ଦ ମନେ ହୁଳହୁଳି ଦେବ ।। ଏ ଓଷା ଗୋଟିକ ସେହୁ କରିବ । ଯାହା ମନାସିବ ତାହା ପାଇବ ।। ପ୍ରଥମ ଛାନ୍ଦ ହୋଇଲା ଶେଷ । ଭାବେ ଭଣିଲେ ଗୋପିନାଥ ଦାସ ।।

- ୦ -

## ଦ୍ୱିତୀୟ ଛାନ୍ଦ

କହିବା କଥାଏ ଶୁଣ ସୁଜନ । ମନରେ କିଛି ନ ଧରିବ ଆନ ।। କଥାଏ ମନରେ ପଡ଼ିଲା ମୋର । ବିମଳାଙ୍କ ଆଜ୍ଞା ଗୋଟିକ ସାର ।। ଯେଉଁ ଜନ ଶୁଭେ ପୂଜଇ ତାଙ୍କୁ । ଅଭୟ ବର ଦିଅନ୍ତି ତାହାଙ୍କୁ ।। ଚମ୍ପାବତୀ ନାମେ ଏକଇ ପୁର । ତହିଁ ଅଛି ଏକ ଶୁଣ୍ଢୀର ଘର ।। ସେ ନଗରେ ଅଷ୍ଟ ଐଶ୍ୱର୍ଯ୍ୟ ଜାଣ । ବହୁତ ଆୟ ହୁଏ ତହିଁ ଧନ ।। ସେ ରାଜ୍ୟେ ନାରୀଏ ଓଷା ପୂଜନ୍ତି । ବୁଧବାମନଙ୍କୁ ମନେ ସ୍ମରନ୍ତି ।। ସେ ଶୁଣ୍ଢି ଘରର ମହିମା ଶୁଣ । ଯାହା କହିଲେ ନ ସରଇ ପୁଣ ।। ସେ ଶୁଣ୍ଢିର ନାମ ଅଟେ

smarteduguide.com

ରଘୁସାହୁ । ଭାରିଯା ନାମ ସୁକୁମାରୀ ସେହୁ ।। ଏକଇ ବ୍ରାହ୍ମଣ ସେ
ରାଜ୍ୟେ ଥିଲା । ଶୁଣ୍ଢୀ ସଙ୍ଗେ ସେହୁ ବିବାଦ କଲା ।। ଶୁଣ୍ଢୀ ଜିଣିଲା
ହାରିଲା ବ୍ରାହ୍ମଣ । ଝିଅ ଗୋଟିଏ ତାକୁ ଦେଲା ପୁଣ ।। ଶୁଣ୍ଢୀ ଦେହରେ
କୁଷ୍ଟବ୍ୟାଧି ହୋଇ । ବସିବା ଠାରୁ ଉଠି ନ ପାରଇ ।। ଦୁଇ ପ୍ରାଣୀ ଥାଇ
ବିଚାର କଲେ । ଶିବଙ୍କୁ ସେବିବା ଚାଲ ବୋଇଲେ ।। ରାତ୍ର ହୋଇଅଛି
ବେନି ସଂଯୋଗ । ଦୁଇପ୍ରାଣୀ ଚଳି ଗଲେକ ବେଗ ।। ଏମନ୍ତ ସମୟେ
ବୁଧେଇ ପୁଣ । ବାଟେ ବସିଛନ୍ତି ହୋଇ ମଉନ ।। ଗୃହସ୍ଥ ଭାରିଜା ଦୁହେଁ
ଦେଖିଲେ । ବାଟ ଛାଡ଼ିଦିଅ ମୋର ବୋଇଲେ ।। ବୁଧେଇ ବୋଇଲେ
ଛାଡ଼ିବି ନାହିଁ । କି ବର ମାଗୁଛ ମାଗୋ ହୋ ତୁହି ।। ଶୁଣ୍ଢୀଆଣି ଥାଇ
କହେ ବଚନ । କେଉଁ ଦେବତା ତୁମ୍ଭେ ଅଟ ପୁଣ ।। ବୁଧେଇ ବୋଲନ୍ତି
ଶୁଣଲୋ ନାରୀ । ବୁଧେଇ ନାମ ଅଟଇ ମୋହରି ।। ଭାଦ୍ରବ ମାସ ଆଦ୍ୟ
ବୁଧବାର । ସେ ମାସେ ଓଷା ପାଞ୍ଚପାଳି ମୋର ।। ଏ ଓଷା ଗୋଟିକ
ଯେହୁ କରିବ । ଯାହା ମନାସିବ ତାହା ପାଇବ ।। ଅପୁତ୍ରିକର ଯେ ପୁତ୍ର
ହୋଇବ । ଅନ୍ଧ ହୋଇଥିଲେ ଚକ୍ଷୁ ପାଇବ ।। ଦେହରେ କୁଷ୍ଟବ୍ୟାଧି
ଯେବେ ହେବ । ଏ ଓଷା କଲେ ସେ ଭଲ ହୋଇବ ।। ବାଞ୍ଛାମଡ଼ିଛି ଯେ
ଏ ଓଷା କଲେ । ଅବଶ୍ୟ ଗଛ ଫଳିବଟି ଭଲେ ।। ଏକଥା ଶୁଣିଲାକ
ଶୁଣ୍ଢୀଆଣି । ବୋଇଲା ଏ ଓଷା କରିବି ପୁଣି ।। ଜୀବନ ଥିବାଯାଏ ଯେ
ମୋହର । ସେବି ଯେ ଥିବି ଚରଣେ ତୁମ୍ଭର ।। ଏମନ୍ତ କହି ଦୁହେଁ
ଚଳିଗଲେ । ଆପଣା ଆଶ୍ରମେ ଯାଇ ହୋଇଲେ ।। ବୁଧବାମନ ଅନ୍ତର୍ଦ୍ଧାନ
ହେଲେ । ଶୁଣ୍ଢୀଆଣିକି ବର ଦେଇଗଲେ ।। ଏଥିଉତ୍ତାରୁ ସେ ଉପାୟ
କଲା । ଗୃହସ୍ଥ ଦେହୁ କୁଷ୍ଟବ୍ୟାଧି ଗଲା ।। ପାଞ୍ଚପୁତ୍ର ତାର ହେଲେ ଜନମ ।
ସଂସାରେ ବିଖ୍ୟାତ ହୋଇଲେ ପୁଣ ।। ଏଥିଉତ୍ତାରୁ ଶୁଣ ଆହେ ଆନ ।
ସେଇ ନଗରେ ଏକଇ ରାଜନ ।। ରାଜ୍ୟକୁ ତାର ଶତ୍ରୁ ନ ଆସଇ ।

smarteduguide.com

ପରଜା ସେହୁ ସୁଖେ ପାଳୁଥାଇ ।। ଏକ ଦିନକର ସେହି ରାଜନ । ଶିକାରକୁ ବିଜେ କଲାକ ପୁଣ ।। ଆଜ ଯାଉଅଛି ମୃଗ ବନକୁ । ଶୁଣିଆଣି ଚାହିଁଦେଲା ତାହାକୁ ।। ରାଜା ମୁଁ କେଉଁ ପାପ କରିଥିଲି । ଆଣୁକୁଡ଼ା ରାଜା ମୁଖ ଚାହିଁଲି ।। ଏହି କଥା ପାଖ ଲୋକ ଶୁଣିଲେ । ରାଜା ଆଗରେ ଯାଇଣ କହିଲେ ।। ରାଜା ହୋଇଲେ ମନ୍ଦକୃତ୍ୟ ହେଲା । ସେହୁ ଆଣୁକୁଡ଼ି କିମ୍ପା ନୋହିଲା ।। ଯାଅରେ ଦୂତ ବେଗହୋଇ କରି । ତାର ପୁତ୍ରକୁ ଆଣବେଗେ ଧରି ।। ଆଜ୍ଞା ପ୍ରମାଣେ ଦୂତ ଚଳିଗଲେ । ପାଞ୍ଚପୁତ୍ରକୁ ତାର ଧରି ନେଲେ ।। ଦୂତେ ବୋଇଲେ ଶୁଣ ନୃପମଣି । ତାର ପୁତ୍ରକୁ ଆଜି ସାରିଲୁଣି ।। ଶିର ଛେଦନ କରିବ ବହନ । ଏଥୁଅନନ୍ତରେ ସୁଜନେ ଶୁଣ ।। ଆଦ୍ୟ ଭାଦ୍ରବ ବୁଧବାର ଦିନ । ବୁଧେଇ ଓଷା ହେବ ସେହିଦିନ ।। ଶାଶୁ ବୋଇଲେ ଯେ ବୋହୂକୁ ଚାହିଁ । ଓଷା ଆଜି କିଲୋ କରିବୁ ନାହିଁ ।। ପୁଣି ବୋହୂ ବୋଲଇ ବଚନ । କାହିଁପାଇଁ ଓଷା କରିବି ପୁଣ ।। ପାଞ୍ଚପୁତ୍ର ମଲେ ରାଜା ଆଜ୍ଞାରେ । ଏ ଓଷା କରିବି କେଉଁ ପ୍ରକାରେ ।। ଶୁଣିଣ ଶାଶୁ ବୋଲଇ ବଚନ । ରଖିବେ ତାଙ୍କୁ ଲୋ ବୁଧିବାମନ ।। ଏମନ୍ତ ଶୁଣି ଓଷା ବିଧି କଲେ । କୋଠିରେ ବସି ହୁଳହୁଳି ଦେଲେ ।। ବୁଧିବାମନଙ୍କୁ ଲାଗି କରିଲେ । ଓଷା ସାରି ସର୍ବେ ଘରକୁ ଗଲେ ।। ଏଥୁ ଅନନ୍ତରେ ବୁଧିବାମନ । ଯେଉଁଠାରେ ପୁତ୍ର ପଡ଼ିଛି ପୁଣ ।। ସେଠାରେ ଯାଇଁ ପ୍ରବେଶ ହୋଇ । ଗଣ୍ଡି ମୁଣ୍ଡ ଯୋଡ଼ିଦେଲେକ ନେଇ ।। ଫୁଲ ପାଣି ଦେଇ ସିଞ୍ଚି ଉପରେ । ପୁତ୍ରମାନେ ତହିଁ ଉଠିଲେ ଧୀରେ ।। ବୁଧିବାମନ ମହିମା ଅଶେଷ । ଘରେ ଯାଇ ପୁତ୍ର ହେଲେ ପ୍ରବେଶ ।। ପୁତ୍ରଙ୍କୁ ଦେଖିଣ ମାତା ତାଙ୍କରି । ଆନନ୍ଦ ମନେ ଯେ କୋଳରେ ଧରି ।। ପୁତ୍ର ବୁଝାଇ କହିଲା ସମସ୍ତ । ମନରେ ପରତେ ନ କଲେ ମାତ ।। ଏଥୁଅନନ୍ତରେ ଆହୁରି ଦିନେ । ରାଜା ଶିକାରକୁ ଗଲେ ବହନେ ।। ସେ ଦିନ ସକାଳୁ ସେ ପୁଣି

smartedguide.com

ଉଠି । ଏମନ୍ତ ସମୟେ ରାଜାଙ୍କୁ ଭେଟି ।। ପୋଡ଼ିଯାଉ ତୋର ଧନ ସମ୍ପତ୍ତି । ଆଣ୍ଠୁକୁଡ଼ା ମୁଖ ଚାହିଁଲି ନିତି ।। ରାଜା ତା ମୁଖରୁ ଏମନ୍ତ ଶୁଣି । ପୁଣି ତା ପୁତ୍ରଙ୍କୁ ଧରାଇ ଆଣି ।। ହସ୍ତୀ ଦନ୍ତରେ ତାକୁ ଚିରାଇଣ । ସମୁଦ୍ରେ ମେଲିଣ ଦେଲାକ ପ୍ରାଣ ।। ଏହିମତି କେତେଥର ସେ କଲା । ପୁତ୍ରମାନଙ୍କୁ ମାରି ନ ପାରିଲା ।। ରାଜା ବୋଇଲା ଚାର ଜନେ ଶୁଣ । ଶୁଣ୍ଢୀଆଣିକି ଆଣିଲେ ଧରିଣ ।। ରାଜା ବୋଲଇ ଏ କେଉଁ ବିଧାନ ।। ତୋର ପୁତ୍ରଙ୍କୁ ନୋହିଲା ମରଣ ।। ଶୁଣ୍ଢୀଆଣି ଥାଇ ବୋଲେ ଗୋସାଇଁ । ବୁଧେଇ ଓଷା ସେ କରଇ ମୁହିଁ ।। ଏଥିରେ ସଂଶୟ ନାହିଁ ଗୋସାଇଁ । ଏ ଓଷା କଲେ ପୁତ୍ରଦାନ ପାଇ ।। ଏହାଶୁଣି ରାଜା ସନ୍ତୋଷ ହେଲା । ରାଣୀ ଶୁଣି ଉପବାସ ଯେ କଲା ।। ରାଜା ଓଷା ଦ୍ରବ୍ୟ ସାମଗ୍ରୀ ଦେଲା । କୋଠିରେ ଯାଇ ପ୍ରବେଶ ହୋଇଲା ।। ସମଗ୍ର ନାରୀମାନେ ତହିଁ ମିଳି । ଦେଉଣ ଅଛନ୍ତି ଯେ ହୁଳହୁଳି ।। ବୁଧିବାମନଙ୍କୁ ଲାଗି ଦେଇଣ । ଘରେ ପରବେଶ ହୋଇଲେ ପୁଣ ।। ସେହିଦିନୁ ରାଣୀ ଗର୍ଭ ହୋଇଲା । ଦଶମାସେ ପୁତ୍ର ଜନମ କଲା ।। ମନୋବାଞ୍ଛା ତାର ହେଲା ସମ୍ପୂର୍ଣ୍ଣ । ଜନମ ହେଲା ଏକଇ ନନ୍ଦନ ।। ଏହିମତି କରି ତରିବେ ଜନ । ରାଜା ବୋଇଲେ ଚାରମାନେ ଶୁଣ ।। ସଂସାର ବିଖ୍ୟାତ ହୋଇଲା ପୁଣ । ରଘୁ ସାହୁକୁ ଡକାଇଣ ଆଣ ।। ତକ୍ଷଣେ ଚାର ବେଗେ ହୋଇ ଗଲେ । ରଘୁ ସାହୁକୁ ଡାକିଣ ଆଣିଲେ ।। ଚାର ବୋଇଲା ରାଜା ଆହେ ଶୁଣ । ରଘୁ ସାହୁକୁ ଆଣିଲିକି ପୁଣ ।। ଶୁଣିକରି ରାଜା ଆନନ୍ଦ ହେଲେ । ଧନ ବସ୍ତ୍ର ତାକୁ ବହୁତ ଦେଲେ ।। ଦ୍ୱିତୀୟ ଛାନ୍ଦ ଯେ ହୋଇଲା ଶେଷ । ଭାବେ ଭଣିଲେ ବଳରାମ ଦାସ ।।

- 0 -

## ତୃତୀୟ ଛାନ୍ଦ

ଏଥୁ ଅନନ୍ତରେ ସୁଜନ ଶୁଣ । ଅପୂର୍ବ ରସ ଯେ ଏହି ବିଧାନ ।। ବୁଧିବାମନଙ୍କ ମହିମା ଯେତେ । ଓଷେଇତିମାନେ ଶୁଣ ସୁଚିତ୍ତେ ।।

smartodiaguide.com

ବନ୍ଧୁମହାନ୍ତି ନାମ ବୋଲି ତାର । ଯାଜପୁରରେ ଯେ ଘର ତାହାର ॥
ଭାରିଯା ନାମ ତାର ପ୍ରିୟବତୀ । ଅତ୍ୟନ୍ତ ସୁନ୍ଦରୀ ସେହୁ ଯୁବତୀ ॥
ତାହାର ଥାଏ ଗୋଟିଏ କୁମର । ସେ ପୁତ୍ର ନାମ ଅଟେ ଭାଗ୍ୟଧର ॥
ଏମନ୍ତ ସୁଖେ ବଞ୍ଚୁଥାଇ ଦିନ । ଚିନ୍ତା ନଥାଇ ସେ ତାହାର ମନ ॥ ଏମନ୍ତ
ତହିଁ ଗଲା କେତେ ଦିନ । ଭାଦ୍ରବ ମାସ ଯେ ହୋଇଲା ପୁଣ ॥ ସମସ୍ତ
କାମିନୀମାନେ ଯେ ଯାଇ । ଓଷା ବିଧିମାନ ସମସ୍ତ ନେଇ ॥ ଯେ ଯାହା
ଦ୍ରବ୍ୟ ଘେନି ଚଳିଗଲେ । ଓଷା କୋଠିରେ ପ୍ରବେଶ ହୋଇଲେ ॥
ବୁଧିବାମନଙ୍କ ଥାପନ କଲେ । ଆନନ୍ଦ ମନେ ହୁଳହୁଳି ଦେଲେ ॥ ଓଷା
ଦେଖିବାକୁ ମହାନ୍ତିଆଣି । ମନରେ ଗରବ କଲାକ ପୁଣି ॥ ବୋଇଲା
ଏହୁ ମାଛଭାତ ଖାଇ । ଓଷା କରିଛନ୍ତି କେଉଁ ବଡ଼ାଇ ॥ ଦେଖିବ ଓଷା
ଏ କେଉଁ ବିଧାନ । ମିଛକୁ ଦ୍ୟନ୍ତି ହୁଳହୁଳି ମାନ ॥ ଏମନ୍ତ ସେଠାରେ
ପ୍ରବେଶ ହେଲା । ଓଷା କୋଠିରେ ଯାଇଣ ମିଳିଲା ॥ ସେ ଓଷା ମନକୁ
ପାଇଲା ନାହିଁ । ଇଙ୍ଗିତ କରି ବାହୁଡ଼ିଲା ସେହି ॥ ତାହା ଜାଣିଲେ ଯେ
ବୁଧିବାମନ । ମାୟାରେ ସର୍ପକୁ ପେଶିଲେ ପୁଣ ॥ ବୋଇଲେ ଏହିକ୍ଷଣି
ତୁହିରେ ଯିବୁ । ବନ୍ଧୁ ମହାନ୍ତି ପୁଅକୁ ଦଂଶିବୁ ॥ ଆଜ୍ଞା ପ୍ରମାଣେ ସର୍ପ
ଚଳିଗଲା । ବନ୍ଧୁ ମହାନ୍ତି ପୁଅକୁ ଦଂଶିଲା ॥ ଏମନ୍ତ ଓଷାର ବିଧି
ସାରିଲେ । ଯେଯାହା ପୁରରେ ପ୍ରବେଶ ହେଲେ ॥ ଏମନ୍ତ ସମୟେ
ମହାନ୍ତିଆଣି । ସ୍ୱଗୃହେ ପ୍ରବେଶ ହୋଇଲେ ପୁଣି ॥ ପୁତ୍ରକୁ କ୍ଷୀର
ଦେବାକୁ ସେ ଗଲା । ପୁତ୍ରକୁ ନେଇ ସେ କୋଳେ ଧରିଲା ॥ ଦେଖିଲା
ପୁତ୍ର ଦେହେ ପ୍ରାଣ ନାହିଁ । ମରିକରି ପୁତ୍ର ଅଛଇ ଶୋଇ ॥ ଦେଖିଣ
ସେହୁ ଆଶ୍ଚର୍ଯ୍ୟ ହୋଇଲା । ଆହେ ପୁତ୍ର ବୋଲି ରୋଦନ କଲା ॥
ମରିଯାଇ କିନା ଦୁଃଖୀ ଜୀବନ । କେତେ କଷ୍ଟରେ ପାଇଥିଲି ଧନ ॥
ଚକ୍ଷୁ ଖୋଲିକରି କେ ମୋର ନେଲା । ଅନ୍ଧକରି ମୋତେ ବସାଇ ଗଲା ॥
ପିତାକୁ ତୋର ଯେ ଅନାଥ କଲୁ । ଆପେ ମରି ମୋତେ ମାରିଣ ଗଲୁ ॥

କାହିଁଯିବି ଆରେ ଚନ୍ଦ୍ରମା ମୁଖି । ଦେଇଗଲୁ ମୋତେ ଦାରୁଣ ଦୁଃଖ ।। ଏମନ୍ତ ସମୟେ ବାପ ତାହାର । ପ୍ରବେଶ ହୋଇଲେ ଆସି ଦୁଆର ।। ବୋଇଲେ ତୁ କି କର୍ମକଲୁ । କେମନ୍ତ ପ୍ରକାର ପୁଅ ମାଇଲୁ ।। ଯେମନ୍ତ ଓଷାକୁ ନିନ୍ଦିଣ ଥିଲା । ସେହି କଥାତକ କହିଣ ଗଲା ।। ଯେତେ ଦେବତାଏ ଅଛନ୍ତି ମହୀ । ତାଙ୍କୁ ସେବି ପୁତ୍ର ପାଇଲି ମୁହିଁ ।। ତୁହି ପାମରୀ ଲୋ ନଜାଣୁ କିଛି । କେଉଁଠାରେ ଓଷା ପୂଜା ହେଉଛି ।। ଚାଲ ସେଠାରୁ ବେଗ ହୋଇଯିବା । ବୁଧବାମନଙ୍କ ପାଦେ ପଡ଼ିବା ।। ଏମନ୍ତେ ଦୁଇ ପ୍ରାଣୀ ଚଳିଗଲେ । ଓଷା କୋଠିରେ ପ୍ରବେଶ ହୋଇଲେ ।। ଦୁଇ ପ୍ରାଣୀ ଯେ ଆକୁଳ ହୁଅନ୍ତି । ବୁଧବାମନଙ୍କ ପାଦେ ପଡ଼ନ୍ତି ।। ବୋଇଲେ ଆଜ୍ଞା ହେଲେ ଆମ୍ଭେ ଯିବୁ । ନୋହିଲେ ଏହିଠାରେ ପଡ଼ିଥିବୁ ।। ପୁତ୍ରକୁ ଯେବେ ନ ଦେବ ଆମ୍ଭକୁ । କିମ୍ପାଇଁ ଆମ୍ଭେ ଯେ ଯିବୁ ଘରକୁ ।। ପୁତ୍ର ଯେବେ ନିଶ୍ଚେ ଆମ୍ଭଙ୍କୁ ଦେବୁ । ଏ ଓଷା ନିଶ୍ଚୟେ ଆମ୍ଭେ କରିବୁ ।। ଏ ଓଷା ନିନ୍ଦିଣ ଥିଲା ଯେମନ୍ତ । ପୁତ୍ରକୁ ଯେ ନାଶ କଲ ତେମନ୍ତ ।। ଏମନ୍ତ ଶୁଣିଣ ବୁଧବାମନ । ତତ୍‌କ୍ଷଣେ ଯାଇ ମିଳିଲେ ପୁଣ ।। ପ୍ରବେଶ ହେଲେ ତାର ମନ୍ଦିରରେ । ପୁତ୍ରକୁ ଯାଇ ଧଇଲା କୋଳରେ ।। ପୁତ୍ରକୁ ତାହାର ଝାଡ଼ିଣ ଦେଲେ । ବିଷକୁ ଶୂନ୍ୟରେ ଉଡ଼ାଇ ନେଲେ ।। ତକ୍ଷଣେ ପୁତ୍ର ପାଇଲା ଜୀବନ । ଅନ୍ତର୍ଦ୍ଧାନ ହେଲେ ବୁଧବାମନ ।। ଓଷା କୋଠିରେ ମିଳିଲେକ ଯାଇ । ଦୁଇଜଣଯାକ ଅଛନ୍ତି ଶୋଇ ।। ଶେଯରେ ଶୋଇ କାନ୍ଦୁଛି କୁମର । ବେଗେ ଯାଇକରି କୋଳରେ ଧର ।। ଏମନ୍ତ କହି ଛାଟେକ ମାଇଲେ । ବୁଧବାମନ ଅନ୍ତର୍ଦ୍ଧାନେ ଗଲେ ।। ତକ୍ଷଣେ ଜାଣିଲେ ସେ ବେନି ଜନ । ଶୟନ ତେଜି ଉଠିଲେ ବହନ ।। ତହୁଁ ଆଜ୍ଞାଦେଲେ ବୁଧବାମନ । ବିଚାରି ଘରକୁ ଗଲେ ସେ ପୁଣ ।। ପୁତ୍ର ପାଇ ସେ ଯେ ଆନନ୍ଦ ହେଲେ । ପ୍ରାଣ ଥିବାଯାଏ ଓଷା ସେ କଲେ ।। ଏମନ୍ତ ମହିମା ବୁଧବାମନ । ନିର୍ଦ୍ଧନ ଲୋକକୁ ଦିଅନ୍ତି ଧନ ।। ଅପୁତ୍ରିକେ କେତେ ପୁତ୍ର

ଦିଅନ୍ତି । ଚକ୍ଷୁ ନ ଥିଲେ ଚକ୍ଷୁଦାନ ଦ୍ୟନ୍ତି ॥ ଏମନ୍ତ ମହିମା ବୁଧବାମନ । ମାହାନ୍ତିଆଣିର ଜାଣିବା ପୁଣ ॥ ଖୁଣିଲାରୁ ସେହି ଦଣ୍ଡ ପାଇଲା । ବୁଧବାମନଙ୍କ ଆଜ୍ଞା ହୋଇଲା ॥ କାମିନୀଗଣେ ଏ କଥା ଶୁଣିଲେ । ଆନନ୍ଦ ମନେ ହୁଳହୁଳି ଦେଲେ ॥ ଗୁଣ ଅବିଗୁଣ ବିଚାର ନାହିଁ । ମୋର ଦୋଷ କ୍ଷମାକର ଗୋସାଇଁ ॥ ଦୋଷୀକୁ ଦଣ୍ଡିବା ନୋହେ ଉଚିତ । ତୁମ୍ଭ ଶ୍ରୀଚରଣରେ ରହୁ ମୋ ଚିତ୍ତ ॥ କର୍ଣ୍ଣେ ବସି ପଦ ଦେବ ଯେ କହି । ଠିକ ଠିକ କରି ଲେଖିବି ମୁହିଁ ॥ ତୃତୀୟ ଛାନ୍ଦ ଯେ ହୋଇଲା ଶେଷ । ଭାବେ ଭଣିଲେ ଗୋପୀନାଥ ଦାସ ॥

- 0 -

## ଚତୁର୍ଥ ଛାନ୍ଦ

ଏଥୁ ଅନନ୍ତରେ ଶୁଣିମା ରସ । ବୁଧବାମନ ମହିମା ଅଶେଷ ॥ ଏକ ଦେଶେ ଏକ ବ୍ରାହ୍ମଣୀ ଥିଲା । କିଛି ଦିନରେ ତା ଗର୍ଭ ବଢ଼ିଲା ॥ ବହୁତ ଦିନ ସେ ଦୁଃଖ ପାଇଲା । କେବେହେଁ ପ୍ରସବ ଆଉ ନୋହିଲା ॥ ଯୋଗେ ଦିନ ସେ ଅଟେ ବୁଧବାର । ବୁଧେଇ ଓଷା ପୂଜନ୍ତି ସକଳ ॥ ବ୍ରାହ୍ମଣୀ ମନରେ ବିଚାର କଲା । ଓଷା କୋଠିରେ ପ୍ରବେଶ ହୋଇଲା ॥ ଏ ଦଣ୍ଡରୁ ଯେବେ ପାରି ହୋଇବି । ଏ ଓଷା ଗୋଟିକ ମୁହିଁ କରିବି ॥ ଏତେ କହି ତହିଁ ବାହାର ହୋଇ । ଓଷା କୋଠିରେ ମିଳିଲା କ ଯାଇ ॥ ହୁଳହୁଳି ଶୁଣି ମିଳିଲାକ ଯାଇ । ବୁଧେଇଙ୍କୁ ମନେ ସୁମରି ସେହି ॥ ଏ ଓଷା ଗୋଟିକୁ ମୁହିଁ କରିବି । ଯେବେ ସଙ୍କଟୁ ପାରି ହୋଇବି ॥ ଏତେ ବିଚାରି ସେ ତୁନି ହୋଇଲା । ବୁଧବାମନଙ୍କୁ ମନେ ଧ୍ୟାଇଲା ॥ ଜାଣିଲେ ପ୍ରଭୁ ତାହାଙ୍କର ମନ । ବିଜୟ କଲେ ସେ ବୁଧବାମନ ॥ ତାହାର କଷ୍ଟ ନ ପାରିଲେ ସହି । ବ୍ରାହ୍ମଣୀ ଦୁଆରେ ମିଳିଲେ ଯାଇ ॥ ବ୍ରାହ୍ମଣୀକୁ ତହ ଔଷଧ ଦେଲେ । ବୁଧବାମନ ଅନ୍ତର୍ଦ୍ଧାନ ହେଲେ ॥ ଔଷଧ ଖାଇଲା ଯହୁଁ ବ୍ରାହ୍ମଣୀ । କୁମର ଜନମ ହୋଇଲା ପୁଣି ॥ ଶୂନ୍ୟରୁ ତାର ଗର୍ଭେ

ଡାକଦେଲେ । ମୁହିଁଟି ବୁଧିବାମନ ବୋଇଲେ ॥ ଏଷା ମନାସିଲୁ କାଷ୍ଟା କରିବୁ । ନଇଲେ ଆଉ ପୁତ୍ର ନ ପାଇବୁ ॥ ଏଥୁ ଅନନ୍ତରେ ଦିନ ଯେ ଗଲା । ଓଷା ବିଧିମାନ ସମସ୍ତ କଲା ॥ ଏହିମତ କେତେ ଶୁଣ ସୁଜନ । ବୁଧିବାମନଙ୍କ ମହିଁମା ଶୁଣ ॥ ଚତୁର୍ଥ ଛାନ୍ଦକଥା ହେଲା ଶେଷ । ଭାବେ ଭଣିଲେ ଗୋପୀନାଥ ଦାସ ॥

- 0 -

## ପଞ୍ଚମ ଛାନ୍ଦ

ଏଥୁ ଅନନ୍ତରେ କଥାଏ ଶୁଣ । ବୁଧିବାମନଙ୍କ ମହିମା ପୁଣ ॥ ଯେତେ ପ୍ରକାରେ କଲେ ବିଧିମାନ । କଥାମାନ ତହିଁ କହିବି ଶୁଣ ॥ ହରିହରପୁରେ ତାହାର ଘର । ସମ୍ପତ୍ତି ବହୁତ ଥିଲା ତାହାର ॥ ପୁତ୍ର ଦୁହିତା ଆଉ ତାର ନାହିଁ । ଦୁଃଖିତ ହୋଇ ସେହି ରହିଥାଇ ॥ ଏକ ଦିନରେ ସେ ବିଚାର କଲା । ଓଷା ଗୋଟିଏ କରିବି ବୋଇଲା ॥ ଭାରିଯା ମୋହର ମଉଛି ହେଲା । ଗଛ ଯେ ଆଉ ଫଳ ନ ଫଳିଲା ॥ ଦୁଇ ଜଣଯାକ ଏକଇ ମନ । ବୁଧେଇ ଓଷା ମନାସିଲେ ପୁଣ ॥ ଗର୍ଭବାସ ଯେ ହୋଇଲା ତରୁଣୀ । ମନରେ ବିଚାର କରଇ ପୁଣି ॥ ଏହିମତେ କିଛିଦିନ ଯେ ଗଲା । ପୁତ୍ର ଗୋଟିଏ ଜନମ ହୋଇଲା ॥ ଏହିମତେ କିଛିଦିନ ଯେ ଗଲା । ଓଷା ମନାସିଲା ତାହା ନ କଲା ॥ ଓଷା ଗୋଟି ତା' ମନରେ ନାହିଁ । ସମ୍ପତ୍ତିରେ ଭୋଳ ହୋଇଲା ସେହି ॥ ପୁତ୍ର ପାଇକରି ଓଷା ନ କଲା । ଏମନ୍ତ ବରଷ ତିନି ଯେ ଗଲା ॥ ମନେ ବିଚାରିଲେ ବୁଧିବାମନ । ପୁତ୍ରକୁ ତାହାର ହରିନେବି ପୁଣ ॥ ଓଷା ନ କଲା ତା'ର ଗର୍ବ ଗୁଣ । କେମନ୍ତ ଓଷା ନ କରିବ ପୁଣ ॥ ଏମନ୍ତ ସମୟେ ବୁଧିବାମନ ପୁତ୍ର । ପୁତ୍ର ଖେଳୁଥିଲା କେଉଁ ଠାବେଣ ॥ ସେଠାରେ ପ୍ରବେଶ ହୋଇଲେ ଯାଇ । ପୁତ୍ରକୁ ଘେନିଣ ଗଲେ ଗୋସାଇଁ ॥ ଖେଳ ଭାଙ୍ଗି ଆଉ ସମସ୍ତେ ଗଲେ । ଯେ ଯାହା ମନ୍ଦିରେ ପ୍ରବେଶ ହେଲେ ॥ ବୁଧିବାମନ ତାଙ୍କୁ ମାୟା କଲେ । ପୁତ୍ରକୁ ତାଙ୍କର ହରି ଯେ ନେଲେ ॥

smartodiaguide.com

ମାତା ଯେ ପୁତ୍ରକୁ ଖୋଜିଲା ଯାଇଁ । କେଉଁଠି ଯେ ଆଉ ଦେଖିଲା ନାହିଁ ॥ ବୁଧିବାମନ ମନେ ବିଚାରିଲେ । କେମନ୍ତେ ଓଷା ନ କରିବ ଭଲେ ॥ ପୁତ୍ରକୁ ଯେ ମାତା ଦେଖିଲା ନାହିଁ । ଲେଉଟି ମନ୍ଦିରେ ମିଳିଲା ଯାଇଁ ॥ କେଣେ ଗଲୁ ମୋର ରକ୍କୁଣୀ ଧନ । ତୋତେ ନ ଦେଖିଲେ ମୋ ଆକୁଳ ମନ ॥ ଏମନ୍ତ କେତେ ଆକୁଳେ ଖୋଜିଲା । ପୁତ୍ରକୁ ଆଉ ଭେଟ ନ ପାଇଲା ॥ ଭାଦ୍ରବ ମାସ ବୁଧବାର ଦିନ । ବୁଧେଇ ଓଷା ହୋଇଛି ସେ-ଦିନ ॥ କାମିନୀମାନେ ଏକମେଳ ହୋଇ । କୋଠିରେ ହୁଳହୁଳି ଦ୍ୟନ୍ତି ତହିଁ ॥ ଓଷା ଗୋଟିକ ମୁଁ ମନାସି ଥିଲି । ମୋହର ପୁତ୍ର ଜନ୍ମହେବ ବୋଲି ॥ ମଡୁଛି ବେଦନା କେଣିକି ଗଲା । ଓଷା ଗୋଟିକ ମୋ ମନେ ନଥିଲା ॥ ମନେ ବିଚାରି ଚଳିଲା ସୁନ୍ଦରୀ । ବାଲଭୋଗ ମାନ ସମସ୍ତ କରି ॥ ଓଷା କୋଠିରେ ପ୍ରବେଶ ହୋଇଲା । ଆନନ୍ଦ ମନେ ହୁଳହୁଳି ଦେଲା ॥ ମନରେ କଳ୍ପନା କଲା ତରୁଣୀ । ଯେବେ ମୋ ପୁତ୍ରକୁ ଦେଖିବି ପୁଣି ॥ ଜୀବନ ଥିବାଯାଏ ଯେ ମୋହର । ଚରଣେ ଖଟିଥିବି ମୁଁ ତୁମ୍ଭର ॥ ବୁଧିବାମନ ଯେ ପୁତ୍ରକୁ ନେଇ । କୋଳ ଭିତରେ ତା ଛାଡ଼ିଲେ ତହିଁ ॥ ଏଥୁ ଅନନ୍ତରେ ଶୁଣ ସୁଜନ । କୁମରକୁ ଘେନି ବୁଧିବାମନ ॥ ଓଷା କୋଠିରେ ମିଳିଲେ ପୁତ୍ର । ସେଠାରେ ଛାଡ଼ି ଦେଇଣ ପୁତ୍ର ॥ କାନ୍ଦିଣ ମିଳିଲା କୁମର ମଣି । ମାତା ତୁଣ୍ଡବାରି ଆସଇ ପୁଣି ॥ ବୋଇଲା ରଖିଲେ ବୁଧିବାମନ । ପୁତ୍ରକୁ ଦେଇ ତୋଷିଲେ ମୋ ମନ ॥ ଏମନ୍ତେ ଏ ଓଷା ବିଧି ହୋଇବ । ଆନନ୍ଦ ମନେ ହୁଳହୁଳି ଦେବ ॥ ପୁତ୍ରକୁ କୋଳରେ ଧଇଲେ ମାତ । ବୋଇଲେ କେଣିକି ଗଲୁରେ ପୁତ୍ର ॥ ପୁତ୍ର ବୋଲଇ ଖେଳୁଥିଲି ଏଣେ । ବଣା ହୋଇକରି ଗଲି ମୁଁ କେଣେ ॥ ଓଷା ସାରିକରି ଘରକୁ ଗଲେ । ଆନନ୍ଦମନେ ହୁଳହୁଳି ଦେଲେ ॥ ମନବାଞ୍ଛା ପୂର୍ଣ୍ଣ ହେଲା ସବୁରି । ବରଷେ ବରଷେ ଏ ଓଷା କରି ॥ ପଞ୍ଚମ ଛାନ୍ଦ ଯେ ହୋଇଲା ଶେଷ । ଭାବେ ଭଣିଲେ ଗୋପୀନାଥ ଦାସ ॥

- 0 -